# ଘୁଗୁନି ଖାଇ ୨୩ରୁ ଅଧିକ ଅସୁସ୍ଥ

## ● ଗୁରୁତରଙ୍କୁ ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୪।୯ (ସମିସ): ଆଜି ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗାଁର ୨୩ରୁ ଅଧିକ ଲୋକ ଜଣେ ଫେରିବାଲା ଠାରୁ ଘୁଗୁନି ଖାଇ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ତୁରନ୍ତ ଜିକେ ଭଟ୍ଟର ହସ୍ପିଟାଲ ଓ ହାତୀଗଡ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସିତ କରାଯାଇଥିବା ବେଳେ ଗାଁକୁ ଏକ ଡାକ୍ତରୀଦଳ ପଠାଯାଇଥିବା ଜଣାଯାଇଛି। ଗାଁରେ ଫୁଡ ଇନିସ୍‌ପେକ୍ଟର ପହଞ୍ଚି ଯାଞ୍ଚ କରିଥିବା ବେଳେ ଜଣେ ଗୁରୁତରକୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ସେହି ଗାଁର ନିତ୍ୟାନନ୍ଦ ଜେନା ଗାଁରେ ବୁଲି ବୁଲି ଘୁଗୁନି ବିକ୍ରି କରନ୍ତି। ଆଜି ନିଜ ସାଇକେଲରେ ଘୁଗୁନି ହାଣ୍ଡି ବାନ୍ଧି ଗାଁ ଭିତରକୁ ବାହାରିଥିବା ବେଳେ କେତେକ ଗ୍ରାମବାସୀ ତାଙ୍କଠାରୁ ଘୁଗୁନି କିଣି ଖାଇଥିଲେ। ପରେ ଘୁଗୁନି ଖାଇଥିବା ଲୋକମାନଙ୍କୁ ପେଟ ଯନ୍ତ୍ରଣା ହେବା ସହିତ ବାନ୍ତି ଓ ଝାଡା ଆରମ୍ଭ ହୋଇଥିଲା। ୭ରୁ ଅଧିକ ରୋଗୀଙ୍କୁ ତୁରନ୍ତ ହାତୀଗଡ ଓ ୯ରୁ ଅଧିକ ରୋଗୀଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଅନ୍ୟ ସମସ୍ତ ରୋଗୀ ଗାଁରେ ରହି ଚିକିତ୍ସିତ ହେଉଥିବା ଜଣାଯାଇଛି। ଖବରପାଇ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ରଂଜନ ସେଠୀ, କାଳିଚରଣ ଦାସ, ରବିନ୍ଦ୍ର ପ୍ରଧାନ, ତ୍ରିଲୋଚନ ଦାସ ପ୍ରମୁଖ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ସହିତ ଆଲୋଚନା କରି ଉନ୍ନତମାନର ଚିକିତ୍ସା ଯୋଗାଇବାକୁ ଦାବି କରିଥିଲେ। ସିଡିଏମ୍‌ଓଙ୍କ ସହିତ ଆଲୋଚନାପରେ ଗାଁରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଚିକିତ୍ସା ଲାଗି ଏକ ଡାକ୍ତରୀ ଦଳ ପଠାଯାଇଥିବା ଜଣାଯାଇଛି। ଏ ସଂପର୍କରେ ଫୁଡ ଇନସ୍‌ପେକ୍ଟର ଶଶିକାନ୍ତ ବେହେରା ଗାଁକୁ ଯାଇ ଖାଦ୍ୟ ନମୁନା ଯାଞ୍ଚ କରିଥିବା ବେଳେ ତାହା ବାସୀଖାଦ୍ୟ ହୋଇଥିବା ବେଳେ ସେଥିରେ ବିଷାକ୍ତ ରଙ୍ଗ ମିଶାଯାଇଥିବା ସେ କହିଛନ୍ତି।



# ବାଲେଶ୍ୱର ଜିଲ୍ଲାରେ ୧୧୭ ଡେଙ୍ଗୁ ରୋଗୀ ଚିହ୍ନଟ

## ● ୧୦୩ ଜଣ ଜିଲ୍ଲାରୁ ସଂକ୍ରମିତ, ୧୪ ଜଣ ମାଇଗ୍ରୋଟରୀ ଚିହ୍ନଟ
## ● ବସ୍ତା, ନୀଳଗିରି, ଜଳେଶ୍ୱର ଓ ସଦରରେ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ



ବାଲେଶ୍ୱର,୨୪।୯ (ସମିସ)

କିଛି ଦିନ ଭିତରେ ବାଲେଶ୍ୱରରେ ବୃଦ୍ଧି ପାଇଛି ଡେଙ୍ଗୁ ରୋଗୀ। ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ଜିଲ୍ଲାରେ ୬୭ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ଏହା ୧୧୭କୁ ବୃଦ୍ଧି ପାଇଛି। ଅର୍ଥାତ୍ ୧୫ ଦିନ ମଧ୍ୟରେ ଜିଲ୍ଲାରେ ୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। ଏଥିମଧ୍ୟରୁ ୧୦୩ ଜଣ ଜିଲ୍ଲାରୁ ସଂକ୍ରମିତ ଏବଂ ୧୪ ଜଣ ମାଇଗ୍ରୋଟରୀ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସୂଚନା ମିଳିଛି।

ରାଜ୍ୟର ଅନେକ ଜିଲ୍ଲାରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଏହି ସମୟରେ ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ରୋଗ ଏବଂ ସଂକ୍ରମଣ ବୃଦ୍ଧି ପାଇଥାଏ। ଏହି ଋତୁରେ ସାଧାରଣ ରୋଗ ହେଉଛି ଡେଙ୍ଗୁ। ବାଲେଶ୍ୱରରେ ମଧ୍ୟ ଲଘୁଚାପଜନିତ ବର୍ଷା ଲାଗ ରହିଛି। ତେଣୁ ଏହି ଲଗାଣ ବର୍ଷା ଡେଙ୍ଗୁ ସଂଖ୍ୟା ବୃଦ୍ଧି କାରଣ। ଫଳରେ ଜିଲ୍ଲାରେ ଏହି କିଛି ଦିନ ଭିତରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାର ଦେଖିବାକୁ ମିଳିଛି। ଏହାବ୍ୟତୀତ ପ୍ରତିବର୍ଷ ପର୍ବପର୍ବାଣୀ ସମୟରେ ବାହାରେ ରହୁଥିବା ଲୋକେ ବାଲେଶ୍ୱରକୁ ଫେରିଥାନ୍ତି। ସେତେବେଳେ ହିଁ ଜିଲ୍ଲାରେ ଡେଙ୍ଗୁ ସଂକ୍ରମଣ ଅଧିକ ହେବାର ଆଶଙ୍କା ବଢିଯାଏ। ବାହାରୁ ଆସୁଥିବା କେତେ ଜଣଙ୍କ ଭିତରେ ଡେଙ୍ଗୁ ଭୂତାଣୁ ରହୁଥିବାରୁ ତାହା ବ୍ୟାପିଯାଏ। ପ୍ରତିବର୍ଷ ମାଇଗ୍ରୋଟରୀ କେସ୍ ହିଁ ଜିଲ୍ଲାରେ ଡେଙ୍ଗୁ ସଂକ୍ରମଣ ବଢାଇଥାଏ। ସଚେତନତା ଅଭାବରୁ ଡେଙ୍ଗୁ ସଂକ୍ରମଣ ବଢୁଛି।

ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୬ ହଜାର ୫୯୬ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନମୁନା ପରୀକ୍ଷା ହୋଇଥିବା ବେଳେ ୧୧୭ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୦୩ ଜଣ ଜିଲ୍ଲାରୁ ସଂକ୍ରମିତ ହୋଇଥିବା ବେଳେ ୧୪ ଜଣ ମାଇଗ୍ରୋଟରୀ ରୋଗୀ ଚିହ୍ନଟ ହୋଇଛନ୍ତି। ଯେଉଁମାନେ ହାଇଦ୍ରାବାଦ, ଦିଲ୍ଲୀ, କେରଳ, ଗୋଆ, ମୁମ୍ବାଇ, ୟୁପିରୁ ବାଲେଶ୍ୱରକୁ ଫେରିଛନ୍ତି। ସେହିପରି ବାଲିଆପାଳରେ ୮ ଜଣ, ବସ୍ତାରେ ୨୩ ଜଣ, ନୀଳଗିରିରେ ୨୦ ଜଣ, ଭୋଗରାଇରେ ୭ ଜଣ, ବାହାନଗାରେ ୨ ଜଣ, ଜଳେଶ୍ୱରରେ ୧୭ ଜଣ, ଔପଦା ଓ ଖଇରାରେ ଜଣେ ଲେଖାଏଁ, ରେମୁଣାରେ ୯ ଜଣ, ସଦରରେ ୧୭ ଜଣ, ସିମୁଳିଆରେ ଜଣେ, ସୋରରେ ୨ ଜଣ ଏବଂ ବାଲେଶ୍ୱର ପୌରପାଳିକାରେ ୯ ଜଣ ଡେଙ୍ଗୁ ରୋଗୀ ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଛନ୍ତି। ଏବେ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେଙ୍ଗୁ ୱାର୍ଡରେ ୧୩୪ ଜଣ ଭର୍ତ୍ତି ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେଙ୍ଗୁ ୱାର୍ଡରେ ୧୦ ଜଣ ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ୧୧୨ ଜଣ ଡେଙ୍ଗୁ ରୋଗୀ ଡିସଚାର୍ଜ ହୋଇଛନ୍ତି ଏବଂ ୧୨ ଜଣ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ଚିକିତ୍ସା ପାଇଁ ସ୍ଥାନାନ୍ତର୍ ହୋଇଛନ୍ତି। ତେବେ ଆଗକୁ ପାର୍ବଣ ଆରମ୍ଭ ହେଉଛି। ଏହି ସମୟରେ ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଏ। ବିଶେଷକରି ପାର୍ବଣରେ ମାଇଗ୍ରୋଟରୀ ସଂଖ୍ୟା ବୃଦ୍ଧି ହେତୁ ଡେଙ୍ଗୁ ମାମଲା ବୃଦ୍ଧି ହୋଇଥାଏ। ଗତବର୍ଷ ଏହି ସମୟରେ ଜିଲ୍ଲାରେ ୧୭୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେହି ତୁଳନାରେ ଚଳିତବର୍ଷ କମ୍ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ହେଁ ଆଶଙ୍କା ଟଳିନାହିଁ। ପ୍ରତ୍ୟେକ ବର୍ଷ ପର୍ବପର୍ବାଣୀରେ ବାହାର ଜିଲ୍ଲା ତଥା ରାଜ୍ୟ ବାହାରେ ରହୁଥିବା ଲୋକ ବାଲେଶ୍ୱର ଫେରନ୍ତି। ସେତେବେଳେ ହିଁ ବାଲେଶ୍ୱରରେ ଡେଙ୍ଗୁ ସଂକ୍ରମଣ ଭୂତାଣୁ ବ୍ୟାପିଥାଏ। ଏବେ ବି ସଚେତନତା ଅଭାବରୁ ଡେଙ୍ଗୁ ରୋଗୀ ସ୍ଥିର ଏବଂ କମିବା ବଦଳରେ ବୃଦ୍ଧି ପାଉଛି।

ଏ ବାବଦରେ ଡାକ୍ତର ରଞ୍ଜନ କୁମାର ନାୟକ କହିଛନ୍ତି, ପ୍ରତିବର୍ଷ ମାଇଗ୍ରୋଟରି ସଂକ୍ରମଣ ଅଧିକ ରହୁଛି। ବାହାରୁ ଆସି ଏଠାରେ ଡେଙ୍ଗୁ ବ୍ୟାପୁଛି। ବର୍ଷ ୧୪ ଜଣ ବାହାରୁ ସଂକ୍ରମିତ ହୋଇଥିବା ବେଳେ ଜିଲ୍ଲାରୁ ୧୦୩ ଜଣ ସଂକ୍ରମିତ ହୋଇଛନ୍ତି। ଗତବର୍ଷ ତୁଳନାରେ କମ୍ ଅଛି ହେଲେ ଲୋକେ ସଚେତନ ହେଉନାହାଁନ୍ତି। ପାଣି ଜମି ରଖିବା ଏବଂ ଡେଙ୍ଗୁ ମଶା ବଂଶ ବୃଦ୍ଧି ପାଇଁ ସୁଯୋଗ ଦେଉଛନ୍ତି। ଯାହା ଫଳରେ ଡେଙ୍ଗୁ ଜିଲ୍ଲାରେ ବ୍ୟାପୁଛି। ବିଶେଷକରି ସେପ୍ଟେମ୍ବର ଓ ଅକ୍ଟୋବରରେ ଡେଙ୍ଗୁ ବୃଦ୍ଧି ଆଶଙ୍କା ଅଧିକ। ତେଣୁ ଲୋକେ ସଚେତନ ରହିବା ଆବଶ୍ୟକ। କାରଣ ଏହି ମଶା ବିଶେଷକରି ଦିନରେ କାମୁଡ଼ିଲେ ଡେଙ୍ଗୁ ହୋଇଥାଏ। ଡେଙ୍ଗୁର ଭୟାବହତାକୁ ଦୃଷ୍ଟିରେ ରଖି ସଚେତନ ମଧ୍ୟ କରାଯାଉଛି। ଏଥିସହିତ ପ୍ରତିଦିନ ହସ୍ପିଟାଲରେ ୧୦୦/୧୫୦ ନମୁନା ପରୀକ୍ଷା କରାଯାଉଛି। ବିଶେଷକରି ଯେଉଁମାନେ ଆଉଟଡୋର୍ ଏବଂ ହସପିଟାଲରେ ଭର୍ତ୍ତି ହେଉଛନ୍ତି ସେମାନଙ୍କ ନିକଟରେ ଲକ୍ଷଣ ଥିଲେ ପରୀକ୍ଷା କରାଯାଉଛି।

# ନୀଳଗିରିରେ ମଧୁମେହମୁକ୍ତ ସଚେତନତା ଶିବିର




ନୀଳଗିରି, ୨୪।୯ (ସମିସ): ସମଗ୍ର ବିଶ୍ୱରୁ ଡାଇବେଟିସ ମୂଳପୋଛ କରିବା ପାଇଁ ୟୁନାଇଟେଡ ଏଗେନଷ୍ଟ ଡାଇବେଟିସ ଅନୁଷ୍ଠାନ ପକ୍ଷରୁ ବୁଧବାର ଦିନ ନୀଳଗିରି ଏନ୍.ଏ.ସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଅଛି। ଏହି ଶିବିରରେ ସଂସ୍ଥାର ସଭାପତି ଡକ୍ଟର ଲଳିତ କୁମାର ଉପାଧ୍ୟାୟ, ମୁଖ୍ୟଅତିଥି ଭାବେ ରତ୍ନାକର ଟାଉନ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭାରାପ୍ରାପ୍ତ ଏନ୍‌ଏସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଏନ୍‌ଏସିର ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ସଂସ୍ଥାର ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ଦାସ, ରାଜ୍ୟ କୋର୍ଡ଼ିନେଟର ପ୍ରତାପ କୁମାର ରଥ, ନୀଳଗିରି ବ୍ଲକ କୋଡ଼ିନେଟର ଜ୍ୟୋତି ପ୍ରକାଶ ରାଉତ, ହୃଷିକେଶ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଭାବେ ଚନ୍ଦ୍ରବିନ୍ଦୁ ଦାସ, ବିଧାୟକଙ୍କ ପ୍ରତିନିଧି ଭାବେ ସୁରଞ୍ଜନ ମହାପାତ୍ର ମଞ୍ଚାସିନ ରହି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କିଭଳି ସମଗ୍ର ବିଶ୍ୱରୁ ଡାଇବେଟିସ ମୂଳପୋଛ ହେବ ସେ ଦିଗରେ ଡାକ୍ତର ଲଳିତ କୁମାର ଉପାଧ୍ୟାୟ ଉପସ୍ଥିତ ଡାଇବେଟିସ ରୋଗୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ଏହି ଭଳି ସମଗ୍ର ଭାରତ ବର୍ଷରେ ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ମାଗଣାରେ ଔଷଧ ପ୍ରଦାନ କରାଯାଇ ଆସୁଛି। ଶିବିରରେ ୨୦୦ଶହରୁ ଅଧିକ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଛି।

# ଉତ୍ତମ ପୋଷଣ ଓ ସୁସ୍ଥ ଜୀବନକୁ ଆଧାର କରି ପୋଷଣ କାର୍ଯ୍ୟକ୍ରମ



ରାଜଘାଟ, ୨୪।୯ (ସମିସ): ବସ୍ତା ବ୍ଲକ ଶିଶୁ ସମନ୍ୱିତ ବିକାଶ ବିଭାଗ ପକ୍ଷରୁ ଆଜି ଶିଶୁର ସ୍ୱାସ୍ଥ୍ୟ ଓ ବିକାଶ ଉପରେ ମା'ର ଗର୍ଭାବସ୍ଥାରେ ରକ୍ତହୀନତା ଓ ଆନୁଷଙ୍ଗିକ ଅଭାବର କୁପ୍ରଭାବ ସାରା ଜୀବନ ପାଇଁ ରହେ ଏବଂ ମାନବ ସମ୍ପଦ ବିକାଶ ଲକ୍ଷ୍ୟକୁ ପ୍ରତିହତ କରିଦିଏ। ଶିଶୁ ଓ ମା'ର ପୋଷଣ, ସ୍ୱାସ୍ଥ୍ୟ ଓ ବିକାଶର ଗୁରୁତ୍ୱ ବିଷୟରେ ଏବେ ସମସ୍ତେ ଚିନ୍ତିତ। ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶର ମୌଳିକ ଦାୟିତ୍ୱ ମା' ର। କିନ୍ତୁ ମା'ପାଖରେ ପିଲାର ସ୍ୱାସ୍ଥ୍ୟ ବିଷୟରେ ବୈଷୟିକ ଜ୍ଞାନ ଓ ସାଧନର ଅଭାବ ହେତୁ ଏଭଳି ସ୍ଥିତି ଉପୁଜିଛି। ପରିବର୍ତ୍ତିତ ପରିସ୍ଥିତିରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ମା'ମାନଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇବା। ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶ ପାଇଁ ଗର୍ଭଧାରଣ ପୂର୍ବରୁ ମା'ର ପୋଷଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁଷମ ଖାଦ୍ୟ ଓ ଔଷଧ, ଡାକ୍ତରଖାନାରେ ପ୍ରସବ ଓ ନବଜାତ ଶିଶୁର ଟିକାକରଣ, ମାତୃ ସ୍ତନ୍ୟପାନ, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଆଦିର ବ୍ୟବସ୍ଥା ଶିଶୁକୁ ଛ' ବର୍ଷ ବୟସ ହେବା ପର୍ଯ୍ୟନ୍ତ ମା' ପାଖରେ ପହଞ୍ଚାଇବାକୁ ହେବ। ପ୍ରଶାସନରେ ଥିବା ଅଧିକାରୀମାନେ ରାଜ୍ୟର ଶିଶୁମାନଙ୍କୁ ନିଜ ପିଲା ବୋଲି ଭାବିଲେ ଅନ୍ୟ ସବୁ କଥା ସହଜ ହୋଇଯିବ। ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଗାଁ ଗହଳରେ ଥିବା ଏକମାତ୍ର ସାର୍ବଜନୀନ ପ୍ରତିଷ୍ଠାନ। ତେଣୁ ଆଜି ବସ୍ତା ବ୍ଲକ ପରିସରରେ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଉତ୍ତମ ପୋଷଣ ଓ ସୁସ୍ଥ ଜୀବନ ଗଠନ ପାଇଁ ପୋଷଣ କାର୍ଯ୍ୟକ୍ରମ ସିଡିପିଓ ସ୍ନେହଲତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଞ୍ଜିଳୀ ଦାସ, ଜବାମଣି ହେମ୍ବ୍ରମ, ବୈଜୟନ୍ତ ମହାରଣା, ଲକ୍ଷ୍ମୀମଣୀ ସାହୁ ଯୋଗଦେଇ ପ୍ରତ୍ୟେକ ପରିବାରର ମାଆମାନେ ନିଜ ପିଲା ମାନଙ୍କୁ ପୋଷଣ ସଂପର୍କରେ ସଚେତନ କରାଇବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର କିଶୋରି ବାଳିକାଙ୍କ ସହ ଅଭିଭାବିକା ମାନେ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ମୃତ ଦୁଇ ଭାଇଙ୍କ ପରିବାରକୁ ସହାୟତା

ଜଳେଶ୍ୱର ବ୍ଲକ, ୨୪।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ନେତୁଆ ଗ୍ରାମ ପଞ୍ଚାୟତର କପାସୁତା ଗ୍ରାମର ଗୋବିନ୍ଦ ପ୍ରସାଦ ଜେନାଙ୍କ ପୁତ୍ର ରବୀନ୍ଦ୍ର ଜେନା (୪୨) ଓ ଭଗବାନ ଜେନାଙ୍କ ପୁତ୍ର ଜଗନ୍ନାଥ ଜେନା (୪୮) ଗ୍ରାମରେ ଥିବା ମୃତିଲାଲ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପଛପଟ ଚାଷ ଜମିକୁ ବିଲ କାର୍ଯ୍ୟ କରିବା ପାଇଁ ଯାଇଥିବା ସମୟରେ ନିତ୍ୟାନନ୍ଦ ମହାନ୍ତିଙ୍କ ସେଲକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ବିଲରେ ପଡ଼ିଥିବାରୁ ଦୁଇ ଭାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେହି ଚାଷ ଜମିରେ ପ୍ରାଣ ହରାଇ ଥିଲେ। ସରପଞ୍ଚ ବେଣୁଧର ଜେନା, ସରୋଜ୍ ପାତ୍ର, ପରେଶ ପାତ୍ର, ଗୋପାଳ ପାତ୍ର, ଗଙ୍ଗାଧର ଜେନା ପ୍ରମୁଖ ଏପରି ଦୁଃଖଦ ଘଟଣାରେ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଦୁଇ ଭାଇଙ୍କ ପ୍ରାଣହାନି ହୋଇଥିବା କହିବା ସହିତ ତାଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତି ପୂରଣ ପ୍ରଦାନ ଦାବି କରିଛନ୍ତି। ଜଳେଶ୍ୱର ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ ବିଭାଗର ଏସଡିଓ ବିଦ୍ୟାଧର ପଣ୍ଡା ମୃତକଙ୍କ ପରିବାର ଲୋକଙ୍କୁ ଭେଟି ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି।



# ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି




ଖଇରା,୨୪।୯ (ସମିସ): ବାଲେଶ୍ୱର ଜିଲାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ଅଧିନସ୍ଥ ଖଇରାର ବିଭିନ୍ନ ସଙ୍ଗଠନ ତରଫରୁ ଖଇରା ବିଡିଓ ନାରାୟଣ ସାହୁଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲାରେ ଧାନ, ପାନ, ଚିନା ବାଦାମ, ଡାଲି ଜାତୀୟ ଫସଲ ଉତ୍ପାଦନ ପାଇଁ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବାବେଳେ ଅଧିକ ଅମଳ ପାଇଁ ପର୍ଯ୍ୟାପ୍ତ କୃଷି ଭିତିଭୂମି ରହିଛି। ଏଣୁ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲେ ବେକାର ସମସ୍ୟା ଦୁର ହେବା ସହ କୃଷି ବିପ୍ଳବ ସୃଷ୍ଟି ହୋଇ ପାରନ୍ତା। ଏଣୁ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି। ଖଇରା ର ବିଭିନ୍ନ ଦଳ ଓ ସଙ୍ଗଠନର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ପାତ୍ର, ପ୍ରଶାନ୍ତ କୁମାର ବେହେରା, ରଶ୍ମିତା ମହାପାତ୍ର, ଜଗତାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ଅଭିରାମ ମହାପାତ୍ର, ଅନାମ ଚରଣ ପଣ୍ଡା, ରଘୁନାଥ ପତ୍ରୀ, ମୁକ୍ତିକାନ୍ତ ଶତପଥି, ନିରଞ୍ଜନ ବେହେରା, ଅରୁଣ କୁମାର ସ୍ୱାଇଁ, ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ୩ ଦିନରେ ପହଞ୍ଚିଲା ଜିପିଏଲ୍ଏଫ୍ କର୍ମଚାରୀଙ୍କ ଧାରଣା

ଭୋଗରାଇ, ୨୪।୯ (ସମିସ): ଭୋଗରାଇ ବ୍ଲକ ଥିବା ଜିପିଏଲଏଫ୍ କର୍ମଚାରୀ ସଙ୍ଘ ପକ୍ଷରୁ ୭ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ଧାରଣା ୩ଦିନରେ ପହଞ୍ଚିଛି। ସରକାର ଯେପର୍ଯ୍ୟନ୍ତ ଦାବି ପୂରଣ ନ କରୁଛନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଯୋଗ୍ୟ ଯେ ୨୦୨୩ ମସିହାରେ ତତ୍କାଳୀନ ବିଜେଡ଼ି ସରକାରଙ୍କ ସମୟରେ ଓଡିଶା ଜୀବିକା ମିଶନ ଜରିଆରେ ଏମବିକେ, ସିଆରପି ବ୍ୟାଙ୍କମିତ୍ର, ପ୍ରାଣିମିତ୍ର, କୃଷିମିତ୍ର ଏଲ ଏସ ପି ଭାବେ ୬ଟି ବିଭାଗରେ ନିଯୁକ୍ତି ମିଳିଥିଲାବେଳେ ଏମାନଙ୍କୁ ନିୟମିତ ଭାବେ ଦରମା ମିଳୁଥିଲା। ବର୍ତ୍ତମାନ ବିଜେପି ସରକାରରେ ୬ ମାସ ହେଲା ଦରମା ମିଳୁନାହିଁ। ଏହାର ପ୍ରତିବାଦରେ ସମଗ୍ର ରାଜ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ଆନ୍ଦୋଳନ ଚାଲିଥିଲା ବେଳେ ଆଜି ଭୋଗରାଇ ବ୍ଲକର ଜିପିଏଲଏଫ୍‌ର ସଭାନେତ୍ରୀ ଦୀପିକା ମିଶ୍ର, ସମ୍ପାଦିକା କବିତା ରାଣୀ ଦାସ ସହିତ ୬ଟି ବିଭାଗର କର୍ମଚାରୀ ଉପସ୍ଥିତ ହୋଇ ୭ ଦଫା ଦାବି ଯଥା ପୂର୍ବପରି ସ୍ଥାୟୀ ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ପରଫର୍ମାନ୍ସ ବୋନାସ ବନ୍ଦ କରାଯାଉ, ୬ ମାସ ବକେୟା ରାଶି ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ, ପୂର୍ବ ଭଳି ଆଞ୍ଚଳିକ ମଂଚ ରଖାଯିବା ଦାବି ନେଇ ବ୍ଲକ ପରିସରରେ ଥିବା ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।



# ଉଦୟପୁର ଗ୍ରାମର ୨୦୦ ପରିବାର ଜଳବନ୍ଦୀ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୨୪।୯ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାହାବାଜିପୁର ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ପ୍ରାୟ ୨୦୦ରୁ ଅଧିକ ପରିବାର ଗତ ସୋମବାର ଓ ମଙ୍ଗଳବାର ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ରାସ୍ତା ଘାଟ ସମେତ ଲୋକଙ୍କ ଘର ଦ୍ୱାର ପାଣି ଘେରରେ ରହିଛି। ଚୁଲିରେ ପାଣି ପଶି ଯିବା ଫଳରେ ରୋଷେଇ ବାସ କରି ଖାଇ ପାରୁନାହାନ୍ତି। ଉପବାସରେ ଜୀବନ ବିତାଇବାକୁ ପଡୁଛି। ସ୍କୁଲର ଛାତ୍ର, ଛାତ୍ରୀ, ଅଙ୍ଗନୱାଡି କେନ୍ଦ୍ରର ଛୋଟ ଛୋଟ ପିଲାମାନେ ପାଠ ପଢିବାକୁ ଯାଇ ପାରୁନାହାନ୍ତି। ଗ୍ରାମବାସୀମାନେ ହସ୍ପିଟାଲ, ଚନ୍ଦନେଶ୍ୱର ବଜାର ଏବଂ ଅନ୍ୟାନ୍ୟ ଜରୁରୀ କାମରେ ଯାଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଉକ୍ତ ଉଦୟପୁର ଗ୍ରାମର ବର୍ଷା ପାଣି ପଶ୍ଚିମବଙ୍ଗ ପଟକୁ ବାହାରି ଯାଉଥିବାବେଳେ ପଶ୍ଚିମବଙ୍ଗ ପ୍ରଶାସନ ଉକ୍ତ ଜଳ ନିଷ୍କାସନ ବ୍ୟବସ୍ଥାକୁ ବନ୍ଦ କରି ଚିଙ୍ଗୁଡ଼ି ଘେରି ନିର୍ମାଣ କରିବା ଫଳରେ ଜଳ ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଏ ବାବଦରେ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ସମସ୍ତଙ୍କୁ ଅବଗତ କରି ଗ୍ରାମବାସୀ ନୟାନ୍ତ ହେଲେଣି। ତେଣୁ ଉକ୍ତ ଗ୍ରାମର ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାହାବାଜିପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି ସମେତ ଗ୍ରାମବାସୀ ମିନା ବେହେରା, ଚମ୍ପାବତୀ ପଟ୍ଟାୟତ, ରଣଜିତ ବେହେରା, ବସୁମତୀ ପଟ୍ଟାୟତ, ଧୀର ବେହେରା, ଭରତ ବେହେରା, ରବୀନ୍ଦ୍ର ପଟ୍ଟାୟତ ପ୍ରମୁଖ ଦାବି କରିଛନ୍ତି।



ତୁରନ୍ତ ପାଣି ନିଷ୍କାସନ ପାଇଁ ଦାବି

# ମଦ ଜବତ, ଜଣେ ଗିରଫ

ଭୋଗରାଇ,୨୪।୯ (ସମିସ): ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କ ନେତୃତ୍ୱରେ ଏକ ଟିମ୍ ରସିଦପୁର ଗାଁର ଖଗେନ୍ଦ୍ର ସାହୁଙ୍କ ଘରେ ଚଢ଼ଉ କରାଯାଇ ୫୭ ଲିଟର ଦେଶୀ ଓ ୬ ଲିଟର ବିଦେଶୀ ଚୋରା ମଦ ଜବତ କରିବା ସହିତ ଖଗେନ୍ଦ୍ରକୁ ଗିରଫ କରାଯାଇଛି।










# ବ୍ରାଉନସୁଗର ଜବତ ମହିଳା ଗିରଫ

ରୂପସା/ରାଜଘାଟ, ୨୪।୯ (ସମିସ): ରୂପସା ଥାନା ଅନ୍ତର୍ଗତ ବାଖରାବାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଗ୍ରାହକକୁ ବ୍ରାଉନସୁଗର ବିକ୍ରି କରିବା ପାଇଁ ଅପେକ୍ଷାରତ ଜୈନିକା ମହିଳାକୁ ବୁଧବାର ଅବକାରୀ ବିଭାଗ କାବୁ କରି କୋର୍ଟଚାଲାଣ କରିଛି। ମହିଳା ଜଣକ ହେଲେ ରୂପସା ସାମିଲ ହାସନପୁର ଗ୍ରାମର ସୂର୍ଯ୍ୟକାନ୍ତ ବେହେରାଙ୍କ ପତ୍ନୀ ମଞ୍ଜୁଲତା(୪୩)। ମଞ୍ଜୁଲତା ରୂପସା ଓ ଏହାର ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ଧଳାଜହର ବିକ୍ରି କରିଆସୁଥିବା ନେଇ ପୂର୍ବରୁ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଆସୁଥିଲା। ଆଜି ପୂର୍ବାହ୍ଣ ୧୧ଟାରେ ମଞ୍ଜୁଲତା ବାଖରାବାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଗ୍ରାହକକୁ ଧଳାଜହର ବିକ୍ରି କରିବା ପାଇଁ ଅପେକ୍ଷା କରିଥିଲା। ଖବର ପାଇ ଜିଲା ଅବକାରୀ ବିଭାଗ, ମୋବାଇଲ ସାର୍ଭେଲାଇଟ ଟିମ ସହ ବସ୍ତା ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଅତର୍କିତ ଭାବେ ଚଢଉ କରି ମଞ୍ଜୁଲତାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୬୦ଗ୍ରାମ ଧଳାଜହର ଜବତ କରିଥିଲେ। ଅଭିଯୁକ୍ତ ମଞ୍ଜୁଲତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ସଦର ରେଞ୍ଜ ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ, ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ହରିହର ସିଂ, ସୁନାରାମ ସୋରେନ, ସବ ଇନ୍ସପେକ୍ଟର ଭକ୍ତଚରଣ ସ୍ୱାଇଁ, ବସ୍ତା ଅବକାରୀ ଥାନାଧିକାରୀଣି ପ୍ରଜ୍ଞାପ୍ରିୟା ନାଏକ, ଏଏସଆଇ ଦିଲ୍ଲୀପ ଟୁଡୁ, ଗଣେଶ ସିଂ ପ୍ରମୁଖ ସାମିଲ ଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଜଳେଶ୍ୱର, ୨୪।୯ (ସମିସ): ଦୀନକୃଷ୍ଣ ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ "କନେକ୍ଟିଙ୍ଗ ଦି ଡଟ୍‌ସ : ଇଉଜିଙ୍ଗ ହିଷ୍ଟ୍ରି ଟୁ ପ୍ରେଡିକ୍ଟ ଦି ଫ୍ୟୁଚର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲଣ୍ଡନର ସାଉଥ୍‌ଆମ୍ପଟନ ବିଶ୍ୱବିଦ୍ୟାଳୟର ବ୍ୟାଙ୍କିଙ୍ଗ ଓ ଅର୍ଥବ୍ୟବସ୍ଥା ବିଭାଗର ମୁଖ୍ୟ ପ୍ରଫେସର ତାପସ ମିଶ୍ର ଯୋଗଦେଇ ଜୀବନ କିଭଳି ବିନ୍ଦୁରୁ ଆରମ୍ଭ ହୋଇଥାଏ ଓ ତାହା ଇତିହାସ ମାଧ୍ୟମରେ କିଭଳି ଭବିଷ୍ୟତକୁ କଳନା କରାଯାଇ ପାରିବ ସେ ସଂପର୍କରେ ବ୍ୟାଖ୍ୟା କରିଥିଲେ। ଦୀନକୃଷ୍ଣ ମହାବିଦ୍ୟାଳୟରୁ ଲଣ୍ଡନର ସାଉଥ୍‌ଆମ୍ପଟନ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତାଙ୍କର ସଂଘର୍ଷମୟ ଜୀବନଯାତ୍ରା ସଂପର୍କରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ପ୍ରଫେସର ମିଶ୍ରଙ୍କୁ ଛାତ୍ରଗୌରବ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ଡ. ମାନସ ଦାଶ, ଡ. ସୁଶାନ୍ତ ଗିରି, ଡ. ହିମାଂଶୁ ସାମଲ, ତପନ ପାତ୍ର, ବିଶ୍ୱରଂଜନ ପୃଷ୍ଟି, ପୁଷ୍ପାଞ୍ଜଳି ପାଇକରାୟ, ଶ୍ୟାମଲାଲ ଭୋଇ, କବିତା ଖୁଣ୍ଟିଆ, ଡ. ଦୀପକ ସେନାପତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଗୀରଥ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଫେଇ ମିତ୍ର ସୁରକ୍ଷା ଶିବିର

ସୋର, ୨୪।୯ (ସମିସ): ସୋର ବ୍ଲକ ସଭାଗୃହରେ ସ୍ୱଚ୍ଛ ଉତ୍ସବ ପାଳନ ଅବସରରେ ସଫେଇ ମିତ୍ର ସୁରକ୍ଷା ଶିବିର ଏବଂ ୱେଷ୍ଟ ଟୁ ଆର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ଜିଲ୍ଲା ଜଳ ପରିମଳ ମିଶନ ବାଲେଶ୍ୱର ତରଫରୁ ଅନୁଷ୍ଠିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱଚ୍ଛ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିମଳ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାନ୍ତି ସଭାପତିତ୍ୱ କରିଥିବାବେଳେ ସୋର ବିଡ଼ିଓ ସତ୍ୟନାଥ ନାୟକ, ବ୍ଲକ ଅଧକ୍ଷା ଅନୁସୟା ମଳିକ, ସହକାରୀ ଯନ୍ତ୍ରୀ ନିର୍ମଳକାନ୍ତ ପରିଡା, ସିପି ତପନ ମିଶ୍ର, ବିଆରସିସି କଳ୍ପନା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଫେଇ ମିତ୍ର, ସରପଞ୍ଚ, ପିଇଓଙ୍କୁ ସୁରକ୍ଷା ବାବଦରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅପରାହ୍ନରେ ୱେଷ୍ଟ ଟୁ ଆର୍ଟ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀ ଘରେ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ନେଇ ପ୍ରସ୍ତୁତି କରିଥିବା ବିଭିନ୍ନ ଘର ସାଜଶଯ୍ୟା ସାମଗ୍ରୀକୁ ପ୍ରଦର୍ଶିତ କରିଥିଲେ। ଉପସ୍ଥିତ ସ୍ୱାସ୍ଥ୍ୟ ମିତ୍ରଙ୍କ ହେଲଥ ଚେକଅପ କରାଯିବା ସହିତ ସୁରକ୍ଷା କିଟ ଯୋଗାଇ ଦିଆଯାଇଥଲା।ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଜଳ ଓ ପରିମଳ ବିଭାଗର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ମା' ବଉଳମାଳା ସମିତିର ୫୦ ଲକ୍ଷ ଆତ୍ମସାତ୍ ଅଭିଯୋଗ

ବାଲେଶ୍ୱର (ଉତ୍ତର), ୨୪।୯ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ରଣସିଂହପୁର ଗ୍ରାମରେ ବଉଳମାଳା ସମିତିର ୫୦ ଲକ୍ଷ ଅଧିକ ଟଙ୍କା ଆତ୍ମସାତ କରିଥିବା ଓ ସମିତି ବିରୁଦ୍ଧରେ ଅପପ୍ରଚାର କରିବା ଘଟଣା ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମରେ ଆଖପାଖ ଶ୍ରଦ୍ଧାପୁର, ଟୁକୁରିହାଜିରା, ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଥିବା ତିନି ଶହରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କୁ ନେଇ ୨୦୧୭ ମସିହା ନଭେମ୍ବର ୧ ତାରିଖରେ ରାଣସିଂହପୁର ଠାରେ "ମା ବଉଳମାଳା ସମିତି' ଗଠନ ହୋଇଥିଲା। ଏହି ସମିତିର ସଭ୍ୟ/ସଭ୍ୟାମାନେ ମାସକୁ ମାସ କିଛି କିଛି ଟଙ୍କା ଜମା କରି ଯିଏ ଯାହାର ଆବଶ୍ୟକ ଅନୁସାରେ ସ୍ୱଳ୍ପ ସୁଧ ହାରରେ ଋଣ ନେବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଋଣ ପରିଶୋଧ କରିଆସୁଥିଲେ। ସମିତିର ପରିଚାଳନା ଓ ଶୃଙ୍ଖଳା, ଟଙ୍କା ନେଣ ଦେଣ ଦେଖି କେତେଜଣ ମହାଜନ ମଧ୍ୟ କମ ସୁଧ ହାରରେ ଟଙ୍କା ଦେବା ନେବା କରିଆସୁଥିଲେ। ସମିତିର ପରିଚାଳନାରେ ମୁଖ୍ୟତଃ ଖାତାଦାର, ହିସାବ ରକ୍ଷକ ଓ କୋଷାଧ୍ୟକ୍ଷ ରହିଥାନ୍ତି। କୋଷାଧ୍ୟକ୍ଷ ଭାବରେ ଟଙ୍କା ଦେବା ନେବା, ଋଣ ଆଦାୟ, ସୁଧ ଟଙ୍କା ଜମା ରଖିବା, ହିସାବ ନିକାଶ, ଖାତାପତ୍ରରେ ସବୁ ଠିକଠାକ କରି ସଭ୍ୟ/ସଭ୍ୟାମାନଙ୍କ ମାସିକ ଟଙ୍କା ରଖିବା ଇତ୍ୟାଦି ତପନ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ଶ୍ରୀ ଦାସ ସମିତିର ଋଣ ଆଦାୟ ଟଙ୍କା ୫୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରି ଖାତାପତ୍ରର ହିସାବ ନ ଦେବାରୁ ସଭ୍ୟ/ସଭ୍ୟା ମାନେ ନିଜର ଟଙ୍କା ନ ପାଇ ହଇରାଣ ହରକତ ହେଉଛନ୍ତି। ଏ ନେଇ ସମିତିର ସଭ୍ୟ ଗୋପାଳ ସେଠୀ, ଅନିରୁଦ୍ଧ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ପାତ୍ର, ରାମକୃଷ୍ଣ ଦାସ, ସନାତନ ସେଠୀ, ରବୀନ୍ଦ୍ର ସାମଲ, ମାଳତୀ ଧଳ, ମାଧବ ଚନ୍ଦ୍ର ଗିରି, ପ୍ରତାପ ବିନ୍ଧାଣି, ବାବୁଲି ଦାସ ରବୀନ୍ଦ୍ର ସାହୁ ସମେତ ଶତାଧିକ ସଭ୍ୟ/ସଭ୍ୟାମାନେ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ବାରିପଦା, ୨୪।୯ (ସମିସ): ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ଆଣିବାକୁ ଯାଇଥିବା ବେଳେ କଇଁଫୁଲିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ଧନୁ ମୁର୍ମୁ(୧୬)। ସେ ସାଇକଲ ଯୋଗେ ପଞ୍ଚାୟତ କାର୍ଯ୍ୟାଳୟକୁ ସରକାରୀ ଚାଉଳ ଆଣିବାକୁ ଯାଉଥିଲେ। ଏହି ସମୟରେ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟରେ ଦୁର୍ଯ୍ୟୋଧନ, ଦୁଃଶାସନ ଶାସନ ଚାଲିଛି: ବିଜେଡି

**କମିଶନରେଟ ପୁଲିସ ଅଫିସରେ ଥିଲା ଶୁଭମିତ୍ରାଙ୍କ ମୃତଦେହ**

ବାଲେଶ୍ୱର/ ଭୁବନେଶ୍ୱର,୨୪।୯ (ସମିସ)

ପୂର୍ବ ସରକାରରେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ଥିଲା। ଓଡ଼ିଶାର ନାରୀ ଘରକୋଣରୁ ବାହାରି ସ୍ୱାବଲମ୍ବୀ ହେବା ପାଇଁ ସାହସ ଜୁଟାଇ ପାରୁଥିଲା। ମାତ୍ର ୧୫ ମାସର ସରକାରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳା ବିରୋଧୀ ହିଂସା ଚରମ ସୀମାରେ ପହଞ୍ଚିଛି। ରାଜ୍ୟରେ ଏବେ ଆଇନର ସାସନ ନୁହେଁ ବରଂ ଦୁର୍ଯ୍ୟୋଧନ, ଦୁଃଶାସନ ଶାସନ ଚାଲିଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି। ବୁଧବାର ବିଜେଡି ପକ୍ଷରୁ ଆଗତ ମହିଳା କନେଷ୍ଟବଳ ଶୁଭମିତ୍ରାଙ୍କୁ ହତ୍ୟା, ଅପରାଧ ରାଜଧାନୀରେ ଶବ ଜବତ ହେଲା ଘଟଗାଁରେ ଶୀର୍ଷକ ଆଲୋଚନାରେ ରାଜ୍ୟର ଆଇନ ଶୃଙ୍ଖଳା ଏବଂ ମହିଳାଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ସଦସ୍ୟ।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବିଜେଡି ସରକାର ସମୟରେ ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ଥିଲା। ମାତ୍ର ୧୫ ମାସର ଶାସନରେ ଓଡ଼ିଶା ଦେଶର କ୍ରାଇମ କ୍ୟାପିଟାଲ ଭାବରେ ପରିଣତ ହୋଇଛି। ରାଜ୍ୟରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅପରାଧିକ ମାମଲା ୭.୧ ପ୍ରତିଶତ ବୃଦ୍ଧି ଘଟିଛି। ଶାନ୍ତିପ୍ରିୟ ରାଜ୍ୟରୁ ଅପରାଧ ପ୍ରବଣ ରାଜ୍ୟରେ ଓଡ଼ିଶା ପରିଣତ ହୋଇଛି। ଶୁଭମିତ୍ରାଙ୍କ ହତ୍ୟା ପରେ ଯେ ପୁଲିସରେ ଚାକିରି କରିଥିବା ଝିଅ ମଧ୍ୟ ସୁରକ୍ଷିତ ନୁହେଁ ତାହା ପ୍ରମାଣିତ ହୋଇଛି। କମିଶନରେଟ ପୁଲିସ ରାଜ୍ୟର ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି କୁହାଯାଉଥିଲା। ମାତ୍ର ସେପ୍ଟେମ୍ବର ୬ ତାରିଖରେ କନେଷ୍ଟବଳ ଅପହରଣ ହୋଇଥିବା ବେଳେ ସେପ୍ଟେମ୍ବର ୧୭ରେ ଅର୍ଥାତ୍ ୧୧ ଦିନ ପରେ ତାଙ୍କର ମୃତଦେହ ମିଳିଲା। ୧୧ ଦିନ ପର୍ଯ୍ୟନ୍ତ ପୁଲିସ କ'ଣ କରୁଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ। ଏପରିକି କମିଶନରେଟ ପୁଲିସ କାର୍ଯ୍ୟାଳୟ ପରିସରରେ ଦେଢ଼ ଘଣ୍ଟା କାଳ ଶୁଭମିତ୍ରାଙ୍କ ଶବ ରହିଥିଲେ ହେଁ ପୁଲିସ ଜାଣିପାରିଲା ନାହିଁ। ଏହା କ'ଣ ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ।

ଅପରପକ୍ଷେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ନିଜ ଅଭିଭାଷଣରେ ଉଲ୍ଲେଖ କରୁଥିବା ବେଳେ ବିଜେପିର ବିଧାୟକମାନେ ଚିହିଁକି ଉଠିଥିଲେ। ଏପରିକି ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ଯେଉଁ କେତେକ ଟିପ୍ପଣୀ ରଖିଛନ୍ତି, ତାହାକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ସେମାନେ ଦାବି କରିଥିଲେ। ଆଲୋଚନାରେ ଭାଗ ନେଇ ଦଳୀୟ ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ସତ କଥା କହିଲେ ବିଜେପି ବିଧାୟକଙ୍କ ଦେହରେ ନିଆଁ ଲାଗିଯାଉଛି। ୧୫ ମାସରେ ପୁଲିସର ମନୋବଳ ଭାଙ୍ଗିଗଲାଣି। ଏବେ କେହି ଅପରାଧ କଲେ ପୁଲିସ ସେମାନଙ୍କୁ ଗିରଫ କରିବାକୁ ଡରୁଛି ବୋଲି ସେ କହିଥିଲେ। ଦଳୀୟ ବିଧାୟିକା ସୁବାସିନୀ ଜେନା ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି ଜଣାଇଥିଲେ।

ଧ୍ୟାନ ଆକର୍ଷଣ ନୋଟିସ ଆଣି ବିଜେପି ବିଧାୟକମାନେ ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ଅଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅତୀତରେ ବିଜେଡି ସରକାର ସମୟରେ ଏକାଧିକ ମହିଳା ନିର୍ଯାତନା ଏବଂ ମୃତ୍ୟୁ ଘଟଣାରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ମହିଳା ବିରୋଧୀ ହିଂସା ବିରୋଧରେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯାଉଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାରେ ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ଭାଗନେଇଥିଲେ।

## ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର



ବାଲେଶ୍ୱର,୨୪।୯ (ସମିସ): ଧାନ, ପାନ ଓ ମୀନର ମାଟି ବାଲେଶ୍ୱର। ଧାନଠୁ ନେଇ ପନିପରିବା, ମାଛଠୁ ନେଇ ଚିଙ୍ଗୁଡ଼ି ପର୍ଯ୍ୟନ୍ତ ସବୁ କୃଷିଜାତ ଓ ମାଛ ଜାତୀୟ ଦ୍ରବ୍ୟ ଉତ୍ପାଦନରେ ବାଲେଶ୍ୱର ହେଉଛି ଉତ୍ତର ଓଡ଼ିଶାରେ ଏକ ନମ୍ବର ଜିଲ୍ଲା। ବାଲେଶ୍ୱରରେ କୃଷକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ଏସବୁ ପରିପ୍ରେକ୍ଷୀରେ ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦଳମତ ନିର୍ବିଶେଷରେ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଜିଲ୍ଲାର ବିଜେଡି ବିଧାୟକମାନେ ଆଜି ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ସହ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ବସ୍ତା ବିଧାୟିକା ସୁବାସିନୀ ଜେନା ଉକ୍ତ ଦାବି ଉଠାଇ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପୁଲିସକୁ ତୀର ମାରିଥିବା ୨ ଅଭିଯୁକ୍ତ ଗିରଫ

ମୋରଡ଼ା,୨୪।୯ (ସମିସ): ଗତ ୨୦୨୨ ମସିହାରେ ମୋରଡ଼ା ପୁଲିସର ଏକ ଟିମ୍ ଚୋରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ସେମାନଙ୍କ ଉପରକୁ ତୀର ମାଡ଼ କରିଥିଲେ ଟିଆଁସି ଗ୍ରାମର ୩ ଜଣ ଯୁବକ। ତେବେ ୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ଆଜି ୨ ଜଣଙ୍କୁ ଗିରଫ କରିବା ସହିତ ଜଣେ ଫେରାର ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟିଆଁସି ଗ୍ରାମର ସୁଭାଷ ଚନ୍ଦ୍ର ମଲ୍ଲିକ ଏବଂ ଧନେଶ୍ୱର ମଲ୍ଲିକ। ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ସୂଚନା ମୁତାବକ ୨୪.୮.୨୦୨୨ରେ ସବ୍‌ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପଣ୍ଡା, ଏଏସଆଇ ମଞ୍ଜୁଲତା ବେହେରା ଏବଂ ତିନିଜଣ ଗୃହରକ୍ଷୀ ଚୋରମାନଙ୍କୁ ଧରିବା ପାଇଁ ଟିଆଁସି ଗ୍ରାମକୁ ଯାଇଥିଲେ। ହେଲେ ସେହି ସମୟରେ ପୁଲିସ ଉପରକୁ ଏହି ୩ ଜଣ ଯୁବକ ତୀରମାଡ଼ କରିଥିଲେ। ଫଳରେ ସବ ଇନ୍ସପେକ୍ଟର ପଣ୍ଡାଙ୍କ ସମେତ ଗୃହରକ୍ଷୀମାନେ ଗୁରୁତର ଆହତ ହୋଇଥିଲେ। ପରେ ପୁଲିସ ତୀରକୁ ଜବତ କରି ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାର ଆଜି ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



**ମାଣତ୍ରୀ-ବୈଶିଙ୍ଗା ରାସ୍ତା ସମ୍ପ୍ରସାରଣ କାମ ଅଧାପନ୍ତରିଆର ପ୍ରତିବାଦ**

# ରାସ୍ତା ଅବରୋଧ କଲେ ଶହ ଶହ ଜନସାଧାରଣ

ମାଣତ୍ରୀ/ବୈଶିଙ୍ଗା, ୨୪।୯ (ସମିସ):



ଗତ ଦୁଇ ବର୍ଷ ହେବ ମାଣତ୍ରୀ-ବୈଶିଙ୍ଗା ପୂର୍ତ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉନି। ଫଳରେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। କାର୍ଯ୍ୟାଦେଶ ପାଇଥିବା ଠିକାଦାର ଅଧାପନ୍ତରିଆ କରି ନିର୍ମାଣ ବନ୍ଦ କରିଦେଇଛନ୍ତି। ବିଭାଗୀୟ ଅଧିକାରୀ ମଧ୍ୟ ଠିକାଦାରଙ୍କ ଆଗରେ ଅସହାୟ ହୋଇପଡିଛନ୍ତି। ଏହି ରାସ୍ତା ଏକ ବ୍ୟସ୍ତବହୁଳ ଏବଂ ଜନସାଧାରଣଙ୍କ ମୁଖ୍ୟ ଯାତାୟାତ ପଥ ହୋଇଥିବାରୁ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରୁଛି। ସେହିପରି ସ୍କୁଲ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ଯାତ୍ରୀବାହୀ ବସ ମଧ୍ୟ ଯିବାଆସିବା କରୁଛି। ରାସ୍ତା ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏ ଯାଏ ନିର୍ମାଣ ଶେଷ ହେଉନାହିଁ। ଅନ୍ୟପକ୍ଷେ ରାସ୍ତା କାମ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରଛନ୍ତି। ଏହି ରାସ୍ତାର ମାନଗୋବିନ୍ଦପୁର ନିକଟ ତାଳଗଛ ଛକ ନିକଟରେ ଏକ ପୋଲ କାମ ଦୀର୍ଘ ଦିନ ଧରି ଅଧାପନ୍ତରିଆ ହୋଇ ରହିଛି। ସେହିପରି ସଂଯୋଗୀ ରୋଡ ମଧ୍ୟ ଅବସ୍ଥା କହିଲେ ନ ସରେ। ରାସ୍ତାସାରା ଆଣ୍ଠୁଏ ଆଣ୍ଠୁଏ ଖାଲଖମା ସୃଷ୍ଟି ହୋଇଛି। ଯେଉଁଥିପାଇଁ ଦୁର୍ଘଟଣା ଏଠି ନିତିଦିନିଆ ହୋଇଛି। ତେଣୁ ଏହାର ପ୍ରତିବାଦ ଜଣାଇ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଶହ ଶହ ମହିଳା ଓ ପୁରୁଷ ଏକାଠି ହୋଇ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବୈଶିଙ୍ଗା-ମାଣତ୍ରୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତାରୋକ ହେବା ଫଳରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ଓ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତୁରନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ନ ହେଲେ ଆଗାମୀ ଦିନରେ ପୁଣି ଜୋରଦାର ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଧିବାସୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପରେ ବୁଧବାର ବିଭାଗ ପକ୍ଷରୁ ଅପ୍ରୋଚ ରୋଡ଼ର ମରାମତି କାମ ଶେଷ ହୋଇଛି।

## ପୁରୁଷ ଓ ମହିଳା ବର୍ଗରେ ଏମ୍‌ସିଏମ୍ ଚାମ୍ପିଅନ

ବାରିପଦା, ୨୪।୯ (ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଦ୍ୱାରା ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମହାରାଜା ବିଶ୍ୱବିଦ୍ୟାଳୟ କୁଳପତି ଡ଼ ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିରୂପେ ସ୍ପୋର୍ଟ୍ସ କାଉନସିଲର ନିର୍ଦ୍ଦେଶକ ପ୍ରଭଞ୍ଜନ ମଲ୍ଲିକ, ପ୍ରଫେସର ବିଶ୍ୱଜିତ ରଥ, କମ୍ପଟ୍ରୋଲର ଅଫ ଫାଇନାନ୍ସ ବିସି ଦେହୁରୀ ଓ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ ଚାମ୍ପିଅନ ହୋଇଛି। ପୁରୁଷ ବିଭାଗରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଓ ମହିଳା ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଉପବିଜେତା ଭାବେ ଘୋଷିତ ହୋଇଛନ୍ତି। ଉଭୟ ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ସିଲ୍ଡ ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୬ରୁ ୧୦ ଯାଏ ଛତିଶଗଡ଼ରେ ହେବାକୁ ଥିବା ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା ଉଭୟ ଦଳ ଗସ୍ତ କରିବ।

## ହାତୀ ଉତ୍ପାତ; ଭାଙ୍ଗିଲେ ଏକାଧିକ ଘର

**● ଆହତ ହାତୀଛୁଆର ଉଦ୍ଧାରବେଳେ ପଥର ମାରି ଜଣେ ଅଟକ**



ତୁରୁମୁଙ୍ଗା, ୨୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନର କଣ୍ଟିଆପଡା ପଦ୍ମପୁର ମାନପୁର ଏବଂ ଯମୁନାପଶି ଆଦି ଗ୍ରାମରେ ୭ରୁ ଅଧିକ ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟ ରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ହାତୀପଲରେ ଏକ ଆହତ ଛୁଆ ହାତୀ ଘୁରି ବୁଲୁଛି। ଛୁଆହାତୀର ଗୋଡ଼ରେ ଆଘାତ ଲାଗିଛି। ହାତୀଛୁଆଟି ଛୋଟେଇ ଛୋଟେଇ ଚାଲୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀପଲର ଗତିବିଧି ଉପରେ ନଜର ରଖିଛି। ଏହି ହାତୀପଲରେ ୧୨ଟି ମାଈ ହାତୀ, ୧୧ଟି ଦନ୍ତା, ୬ଟି ଛୁଆ ହାତୀ ଥିବା ବନ ବିଭାଗ କହିଛି। ବୁଧବାର ହାତୀଛୁଆକୁ ଉଦ୍ଧାର ପାଇଁ ବନ ବିଭାଗର ଏକ ଟିମ୍ ସହ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପଦ୍ମପୁର ଓ କୋଡ଼ଖମଣ ଗ୍ରାମ ନିକଟରେ ଅନୁଧ୍ୟାନ କରୁଥିବା ସମୟରେ କ୍ୟାମେରାକୁ ପଥର ମାରୁଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ କରାଯାଉଛି। ଅଟକ ବ୍ୟକ୍ତି ଜଣକ ପଦ୍ମପୁର ଅଞ୍ଚଳର ଗୁରୁବାମୁଣ୍ଡା ବୋଲି ବନ ବିଭାଗ ସୂଚନା ଦେଇଛି।



# ୨୬ ବର୍ଷରେ ବାଲେଶ୍ୱର ରାବଣପୋଡ଼ି

**ଆକର୍ଷଣୀୟ ହେବ ଇଲେକ୍ଟ୍ରୋନିକ୍ସ ଫାୟାର ସିଷ୍ଟମ**

ବାଲେଶ୍ୱର,୨୪।୯ (ସମିସ)



ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲେଶ୍ୱର ରାବଣ ପୋଡ଼ି କମିଟି ପକ୍ଷରୁ ବିରାଟ ରାବଣ ପୋଡ଼ି ସମାରୋହ ପାଳନ କରାଯିବ। ଏହାକୁ ସଫଳ କରିବା ପାଇଁ ଆତିଥ୍ୟ ଭବନରେ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଆସନ୍ତା ୧ ତାରିଖ ବୁଧବାର ସନ୍ଧ୍ୟାରେ ସହରର ଆଇଟିଆଇ ପଡ଼ିଆରେ ହେବାକୁ ଥିବା ରାବଣ ପୋଡ଼ି ସମାରୋହ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ଉଚ୍ଚଶିକ୍ଷା, ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ.ପି.ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବୀୟ ଏବଂ ବାଲେଶ୍ୱର ପୌରଅଧ୍ୟକ୍ଷା ସବିତା ସାହୁଙ୍କ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ଏବର୍ଷ ରାବଣ ପୋଡ଼ିରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରୋନିକସ ଫାୟାର ବ୍ୟବସ୍ଥା କରାଯିବ। ସେହିପରି ପଶ୍ଚିମବଙ୍ଗର କଳାକାରଙ୍କ ଦ୍ୱାରା ନୃତ୍ୟନାଟିକା ରାମରାବଣ ଯୁଦ୍ଧ ମଧ୍ୟ ପରିବେଷଣ କରାଯିବ ବୋଲି ଡ. ମହାନ୍ତି କହିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଉପସଭାପତି ଭାଗବତ ସାହୁ, ସାଧାରଣ ସମ୍ପାଦକ କିଶୋର ଦାସ, ଉପଦେଷ୍ଟା ପଦ୍ମଲୋଚନ ଲେଙ୍କା, କାଉନସିଲର ରଞ୍ଜିତା ମହାପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ରାବଣ ପୋଡ଼ି ୨୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନେକ ପ୍ରକାର ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କହିଥିଲେ। ସମ୍ପାଦକ ରାମନାରାୟଣ ଶତପଥି ଶେଷ କଥା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚିତ ରଂଜନ ପଣ୍ଡା, "ଆଜିକାଲି'ର ସଂପାଦକ ନିର୍ମାଲ୍ୟ ମହାନ୍ତି, କାଉନସିଲର ପ୍ରିତିଲତା ସେଠୀ, ମିନତୀ ସେଠୀ, ସନ୍ଧ୍ୟାରାଣୀ ଭୂୟାଁ, ନିତ୍ୟାନନ୍ଦ ସେଠୀ, ଛବିରାଣୀ ମନ୍ତ୍ରୀ, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରକୁ ସହାୟତା

ତୁରୁମୁଙ୍ଗା, ୨୪।୯ (ସମିସ): ତୁରୁମୁଙ୍ଗା ଗ୍ରାମର ସଦାନନ୍ଦ ସାହିର ଭରତ ନାୟକଙ୍କ ରକ୍ତହୀନତା ଯୋଗୁଁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ପରେ ଅସହାୟ ପରିବାର ଲୋକଙ୍କୁ ଶୁଦ୍ଧିକ୍ରିୟା ପାଇଁ ତୁରୁମୁଙ୍ଗାର ବିଜେପି କର୍ମକର୍ତ୍ତାମାନେ ସହାୟତା ପ୍ରଦାନ କରିଛନ୍ତି। ବୁଧବାର ବିଜେପି କର୍ମକର୍ତ୍ତା ଇନ୍ଦ୍ରଜିତ ସାହୁ, ହୃଷୀକେଶ ସାହୁ, ଗୁଲେଖ ସାହୁ, ବରୁଣ ସାହୁ, ରତି ପୃଷ୍ଟି ପ୍ରମୁଖ ପରିବାର ଲୋକଙ୍କୁ ଭେଟି ରାସନ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ବସ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ; ବୃଦ୍ଧାଙ୍କ ଗୋଡ଼ ଭାଙ୍ଗିଲା

ବାରିପଦା, ୨୪।୯ (ସମିସ): ଚାନ୍ଦୁଆ ଥାନା ଅଧୀନ କୋଠାବିଲ୍ଲା ନିକଟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାସନ୍ତୀ ମୁଖି (୬୮) ନାମକ ଜଣେ ବୃଦ୍ଧା ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିବା ସମୟରେ ଗୁରୁତର ହୋଇଛନ୍ତି। ତୁରନ୍ତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ତାଙ୍କୁ ନେଇ ଭର୍ତ୍ତି କରାଯାଇଛି। ତାଙ୍କର ଗୋଟିଏ ଗୋଡ ଭାଙ୍ଗିଯାଇଥିବା ଜଣାପଡିଛି।

# ଭାରସାମ୍ୟ ହରାଇ ଓଲଟିଲା କଣ୍ଟେନର



ସାରସକଣା,୨୪।୯ (ସମିସ): ଝାରପୋଖରିଆ ଥାନା ଅନ୍ତର୍ଗତ ପାଣିପୋଷି ଛକ ନିକଟରେ ବୁଧବାର ଏକ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତାକୁ ଓଲଟି ପଡିଛି। ସୂଚନା ମୁତାବକ ସଲିମ୍ ଶେଖ୍ ଝାରପୋଖରିଆରୁ ଝାରଖଣ୍ଡ ବହରାଗୋଡାକୁ ଯାଉଥିବା ସମୟରେ ବର୍ଷା ଆସିବାରୁ ପାଣିପୋଷି ଛକ ନିକଟରେ ବାଇକ୍ ରଖି ପାଖରେ ଥିବା ଗୋଟିଏ ଘରେ ଆଶ୍ରୟ ନେଇଥିଲେ। ପରେ ବାଙ୍ଗିରିପୋଷିରୁ ଆସୁଥିବା ଦୁଇ ସ୍ତ୍ରୀ ଓ ପୁରୁଷ ଆସି ବାଇକ ରଖି ସେମାନେ ମଧ୍ୟ ସେହି ଘରେ ଆଶ୍ରୟ ନେଇଥିଲେ। ସେହି ସମୟରେ ଏକ କଣ୍ଟେନର ବେଙ୍ଗଲ ଅଭିମୁଖେ ଯାଉଥିବା ସମୟରେ ପାଣିପୋଷି ଛକରେ ଭାରସାମ୍ୟ ହରାଇ ଦୁଇଟିଯାଏ ବାଇକ୍ ଉପରେ ଓଲଟି ପଡିଥିଲା। ପୁଲିସ ପହଞ୍ଚି କ୍ରେନ୍ ଯୋଗେ ଗାଡ଼ିକୁ ଉଠାଇଥିଲେ। ଦୁଇଟିଯାକ ବାଇକ୍ ଚୁର୍ମାର ହୋଇଯାଇଛି।

# ସଅଳ କିସମ ଧାନ ବିହନ କିଣାକୁ ନେଇ ଚାଷୀ ହୀନସ୍ତା



ରାମଚନ୍ଦ୍ରପୁର,୨୪।୯ (ସମିସ): ସଅଳ କିସମ ଧାନ ବିହନକୁ ନେଇ ଚାଷୀ ଓ ସମବାୟ ସମିତି କର୍ମଚାରୀ ମଧ୍ୟରେ ତୁତୁ ମେ ମେ ଚାଲିଛି। ଘଷିପୁରା ବ୍ଲକ ଖଲଣା ସମବାୟ ସମିତିରୁ ଧାନ ବିହନ ନେଇ ପଣ୍ଡୁଆ ଗ୍ରାମର ଚାଷୀ ମୋହିଉଦ୍ଦିନ ଖାଁ ଏବଂ ସାଇଁକୁଳ ଗ୍ରାମର ଶଙ୍କର୍ଷଣ ବେହେରା ନିଜ ଜମିରେ ଧାନ ଚାଷ କରିଥିଲେ। ମାତ୍ର ଦିନ କେଇଟାରେ ଧାନରୁ କେଣ୍ଡା ବାହାରି ଆସିଲାଣି। ଗହିର ବିଲରେ ବିଳମ୍ବ କିସମ (୧୪୫ ଦିନ) ସମ୍ପ୍ରଦା ଧାନ ବିହନ ଆଣି ଚାଷ କରିଥିବା ଚାଷୀ କହୁଥିବା ବେଳେ ମାତ୍ର ଅଳ୍ପ ଦିନରେ ଧାନରୁ କେଣ୍ଡା ବାହାରି ଆସିବା ଯୋଗୁଁ ଚାଷୀ ପାଇଁ ଅଡୁଆ ବଢିଛି। ସେପଟେ ସଅଳ ଧାନରୁ କେଣ୍ଡା ବାହାରି ଆସିବା ଯୋଗୁଁ ବୁଲା ଗୋରୁଗାଈ ଏବଂ ଷଣ୍ଢ ଅବାଧରେ ପଶି ଧାନ କ୍ଷେତରେ ଚରାବୁଲା କରୁଛନ୍ତି। ସେମାନଙ୍କ କହିବା କଥା, ଖଲଣା ସମିତିରୁ ଆମେ "ସମ୍ପ୍ରଦା' ବିହନ ପାଇଁ ଯାଇଥିଲୁ ସେ ଧାନ ନଥିବାରୁ '୧୧୫୬' ଲେଖାଥିବା ବିହନକୁ ସମ୍ପ୍ରଦା ଭେରାଇଟି କହି ସମିତି କର୍ମଚାରୀ ଦେଇଥିଲେ। ଏହା ଏକ ସଅଳ କିସମ ଧାନ ବୋଲି ଏବେ ଜଣାପଡିଲା। ଆଉ କିଛିଦିନ ପରେ ଧାନ କିପରି ଅମଳ ହେବ ସେଥିନେଇ ଚିନ୍ତା ଘାରିଛି। ଏ ସଂକ୍ରାନ୍ତରେ ଖଲଣା ସମବାୟ ସମିତି ସମ୍ପାଦକ ବଳରାମ ସେଠୀ କହିଛନ୍ତି , ସମିତିରେ କେବଳ '୧୧୫୬' ନାମକ ବିହନ ଥିଲା। ସେହି ବିହନକୁ ସମ୍ପ୍ରଦା ବିହନ କହି କାହାରିକୁ ଦିଆଯାଇନାହିଁ, ହେଲେ ଭୁଲ ବୁଝାବଣା ବଶତଃ ଧାନ ବିହନକୁ ନେଇ ଚାଷୀ ସମବାୟ କର୍ମଚାରୀ ମଧ୍ୟରେ ତୁତୁ ମେମେ ହୋଇଥିବା ଦେଖିବାକୁ ମିଳିଛି।

# ରେଳ ଷ୍ଟେସନ ଶୌଚାଳୟରେ ତାଲା

ରାଇରଙ୍ଗପୁର,୨୪।୯ (ସମିସ): ରାଇରଙ୍ଗପୁର ଅମୃତ ରେଳ ଷ୍ଟେସନରେ ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ଶତାଧିକ ଯାତ୍ରୀ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଶୌଚାଳୟରେ ତାଲା ପଡିଥିବାରୁ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ବାଧହୋଇ ଖୋଲାରେ ଶୌଚ କରୁଛନ୍ତି। ବର୍ଷା ହେଲେ ଲୋକେ ପ୍ରତୀକ୍ଷାଳୟରେ ଥିବା ପିଣ୍ଡିରେ ବସି ପାରୁନାହାନ୍ତି। ରେଳ ପ୍ଲାଟଫର୍ମ ସେଡ ପାଇପରୁ ପାଣି ଝରୁଛି। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




# ପୃଥକ ଦୁର୍ଘଟଣା
# ମା' ଝିଅ ମୃତ, ୪ ଗୁରୁତର

ଆନନ୍ଦପୁର, ୨୪।୯ (ସମିସ)





୨୦ ନଂ ଜାତୀୟ ରାଜପଥ କୋଲିମାଟି ଓ ଘସିପୁରାରେ ପୃଥକ ପୃଥକ ଦୁଇଟି ଦୁର୍ଘଟଣା ଘଟିଛି। ଏଥିରେ ପରିବାରର ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତଦ୍ୱୟ ହେଲେ ରାହାସ ମୁଣ୍ଡା ଏବଂ ତାଙ୍କ ଝିଅ ସୁକୁଟି ମୁଣ୍ଡା। ୨୦ ନଂ ଜାତୀୟ ରାଜପଥର କୋଲିମାଟିର ମିନା ଘାଟି ନିକଟରେ ବୁଧବାର ସନ୍ଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ଗାଡ଼ି ଚାଳକ ଏବଂ ସ୍ୱାମୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଘଟଗାଁ ମେଡିକାଲକୁ ପଠାଯାଇଥିବା ସୂଚନା ରହିଛି। ଏମାନେ ସମସ୍ତେ ଘସିପୁରା ଥାନା ଚଉମୁହାଁ ଗାଁର ଏବଂ ଘଟଗାଁରୁ ଫେରୁଥିବା ଜଣାପଡ଼ିଛି। ପୁଲିସ ଏନେଇ ତଦନ୍ତ ଜାରି ରଖିଥିବା ବେଳେ ଦିନ ୧୨ଟା ସମୟରେ ଉକ୍ତ ଜାତୀୟ ରାଜପଥର ମା' ମଙ୍ଗଳା ହୋଟେଲ ନିକଟରେ ଏକ ଟ୍ରେଲର ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିବା ସୂଚନା ରହିଛି। ଆହତଙ୍କ ପରିଚୟ ମିଳିପାରି ନାହିଁ। ପୁଲିସ ଏନେଇ ତଦନ୍ତ ଜାରି ରଖିଛି।

# ଶ୍ରୀଦଧିବାମନଜୀଉ ମନ୍ଦିର ପ୍ରତି ଦୃଷ୍ଟି ପଡ଼ିବ କେବେ?

## ଫେରିଯିବ ଲକ୍ଷ୍ମୀ ମନ୍ଦିର ଉନ୍ନତିକରଣ ଅନୁଦାନ

ଆନନ୍ଦପୁର, ୨୪।୯ (ସମିସ): କେନ୍ଦୁଝରର ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଆନନ୍ଦପୁରର ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରତି ଦେବୋତ୍ତର ବିଭାଗର ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମନ୍ଦିରର ଗୋଟିଏ ପାର୍ଶ୍ୱ ପାଚେରି ଖସିପଡ଼ିବା ଅବସ୍ଥାରେ ଥିଲେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଉନାହିଁ। ତତ୍କାଳୀନ ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଏକ ବହୁ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ। କମିଟିର ବୈଠକ ହୋଇପାରୁନାହିଁ। ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିଭିନ୍ନ ସ୍ଥାନରେ ଜବରଦଖଲ ଓ କେତେକ ବ୍ୟକ୍ତିଙ୍କ ଦ୍ୱାରା କରାୟତ୍ତ ହୋଇଥିଲେ ମଧ୍ୟ ତାହା ଉଦ୍ଧାର ହୋଇପାରୁନାହିଁ। ସେହିପରି ଆନନ୍ଦପୁରଠାରେ ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ନିର୍ମିତ ଧର୍ମଶାଳା ଅଧାଗଢା ହୋଇପଡିଛି। ବିଭିନ୍ନ ସ୍ଥାନରେ ଥିବା ଦୋକାନ ଘର ମାସିକ ଭଡ଼ା ନିୟମିତ ଆଦାୟ ହୋଇପାରୁନାହିଁ। ଅନେକ ଦୋକାନୀ ଉପରେ ବକେୟା ପଡ଼ିଥିବା ବେଳେ ବହୁ ପରିମାଣର ଭଡା ଆଦାୟ ଦିଗରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ମନ୍ଦିର ପରିସରରେ ହେବାକୁ ଥିବା ନୂତନ ଲକ୍ଷ୍ମୀ ମନ୍ଦିର ନିର୍ମାଣ ଦାୟିତ୍ୱ ତଦାରଖ ହେଉ ନଥିବାରୁ ଏହି ଅନୁଦାନ ଫେରିଯିବା ଭଳି ସମସ୍ୟା ସୃଷ୍ଟି ହେଲାଣି। ପୂଜାପଣ୍ଡା ସୁଆର ମାଳି ଦୁଆରୀ ଭଳି ସେବାୟତମାନେ ଉଚିତ ପ୍ରାପ୍ୟ ପାଉ ନଥିବାରୁ ସେମାନଙ୍କ ଅସନ୍ତୋଷ ଦାଣ୍ଡରେ ଗଡ଼ିଲାଣି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମନ୍ଦିର ସୁପରିଚାଳନା ନିମନ୍ତେ ଆନ୍ତରିକତା ନଥିବା ଭଳି ମନେ ହୋଇଛି। ଉତ୍ତର ପଶ୍ଚିମ ପାର୍ଶ୍ୱରେ ଥିବା ଲକ୍ଷ୍ମୀମାଆଙ୍କ ମନ୍ଦିର ଦିନକୁ ଦିନ ବିପଦପୂର୍ଣ୍ଣ ହୋଇପଡୁଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରା ନଯିବା ଚିନ୍ତାର କାରଣ ହୋଇଛି। ସ୍ଥାନୀୟ ପ୍ରଶାସନ ମନ୍ଦିରର ଚତୁଃପାର୍ଶ୍ୱରେ ଚାରିଦ୍ୱାର, ପାର୍କ, ବାଟିକା ନିର୍ମାଣ କରାଯାଇ ସୌନ୍ଦର୍ଯ୍ୟକରଣ ସହ ନୀତିକାନ୍ତିର ଉନ୍ନତି ଓ ସୁବ୍ୟବସ୍ଥା କରାଯିବା ଦିଗରେ ଦାବି ହୋଇଆସୁଛି। ଏହାସହ ମନ୍ଦିରର ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବା ସହ ଠାକୁରଙ୍କ ଜମିଜମା ସୁରକ୍ଷା କରାଯାଉ ବୋଲି ଦାବି ରହିଥିଲେ ମଧ୍ୟ ଏହାକୁ ଦେବୋତ୍ତର ବିଭାଗ ଅଣଦେଖା କରିଆସୁଛି। ପରିଚାଳନାଗତ ତ୍ରୁଟିକୁ ସୁଧାରିବାରେ ଦେବୋତ୍ତର ବିଭାଗ ଦୃଷ୍ଟିଦେବା ସହ ବସଷ୍ଟାଣ୍ଡ ସମ୍ମୁଖରେ ଦଧିବାମନଜୀଉଙ୍କ ନାମରେ ନିର୍ମିତ ଓ ଅଧିକୃତ ଦୋକାନ ପ୍ରତିଷ୍ଠାନକୁ ନିଲାମ ଜରିଆରେ ବଣ୍ଟନ କରାଯାଇ ଆର୍ଥିକ ବ୍ୟବସ୍ଥାର ଉନ୍ନତି କରାଯିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



● ଗଣେଶ ଭସାଣ ଉତ୍ସବ

# ତାମିଲନାଡୁର ଶିବତାଣ୍ଡବରେ ଦର୍ଶକ ବିଭୋର

ଆନନ୍ଦପୁର, ୨୪।୯ (ସମିସ): ଆନନ୍ଦପୁର ସହରରେ ବହୁ ପ୍ରତୀକ୍ଷିତ ଗଣେଶ ଭସାଣ ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଆଜି ଫ୍ରେଣ୍ଡ୍ସ କ୍ଲବ୍ ଭସାଣି ଶୋଭାଯାତ୍ରାରେ ପ୍ରବଳ ସମାଗମ ହୋଇଛି। ପ୍ରଥମ ଦିନରେ ସ୍ୱାଇସ୍ କ୍ଲବ୍ ପକ୍ଷରୁ ଭସାଣି ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି। ସମ୍ପାଦକ ସୌମ୍ୟରଞ୍ଜନ ରାମ୍, ଉପସଭାପତି ଅମିୟ ରଂଜନ ସିଂହ, ସଦସ୍ୟ ସୌମ୍ୟରଂଜନ ସିଂହ, କାହ୍ନୁ ରାମ୍, ବିଶ୍ୱଜିତ ସିଂହ, ଶିବୁନ ରାମ୍, ଶିବାୟ ରାମ୍, ସାଇରୁଦ୍ର ରାମ୍, ଅରବିନ୍ଦ ସାହୁ, ସୁବ୍ରତ ବେହେରା, ସୁମିତ ରାମ୍, କିଷାନ ରାମ୍, ବିଶ୍ୱଜିତ ରାମ୍, ଦେବିଜତ ରାମ୍, ଅନିଲ କୁମାର ରାମ୍, ସତ୍ୟଜିତ ଜେନା, ପିଙ୍କୁଲ ରାମଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆନନ୍ଦପୁର ଥାନାଧିକାରୀ ଫଣୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲା। ସୋମବାରରେ ସିଦ୍ଧିବିନାୟକ କ୍ଲବ୍‌ର ଭସାଣ ଉତ୍ସବ ଅପରାହ୍ଣରୁ ଆରମ୍ଭ ହୋଇଥିଲା। ବର୍ଷା ହେବାରୁ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇଥିଲା। ଆସନ୍ତା ୨୪ରେ ଫ୍ରେଣ୍ଡସ୍ କ୍ଲବ, ୨୫ରେ ତ୍ରିଶକ୍ତି କ୍ଲବ୍, ୨୬ରେ ଜଗନ୍ନାଥ କ୍ଲବ୍, ୨୭ରେ କିଡ୍‌ସ କ୍ଲବ୍ର ଗଣେଶ ଭସାଣ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଜୁନିଅର ମୋଦୀ ସୋ ମୁଖ୍ୟ ଆକର୍ଷଣ ଥିଲା। ସେହିପରି ବ୍ରହ୍ମପୁର ମ୍ୟୁଜିକାଲ, ଜୁନାଗଡ଼ ମେଲୋଡି, ତାମିଲନାଡୁର ଶିବ ତାଣ୍ଡବ, କୋଲକାତାର ବାମନ ଗ୍ରୁପ୍, ଭୁବନେଶ୍ୱରର ଲାଇଟ୍ ସୋ, ଅନୁଗୁଳର ଜୋକର ସର୍କିସ୍, ଝାଡ଼ଖଣ୍ଡ ଲାଇଟ୍, ପୁରୀରର ନିଆଁଖେଳ, ପୁରୀର ନୃସିଂହ ଅବତାର, ଭୁବନେଶ୍ୱର ଫୋମ୍ ସୋ, ପେପର ବ୍ଲାଷ୍ଟ, ଘଣ୍ଟବାଦ୍ୟ, କେନ୍ଦୁଝରର ଲାଇଟ୍ ଗେଟ୍ ମୁଖ୍ୟ ଆକର୍ଷଣ ରହିଥିବା ଜଣାଯାଇଛି।



# ସ୍ମୃତି ବୃକ୍ଷରୋପଣ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି

ମାଣତ୍ରୀ, ୨୪।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ଗ୍ରାମର ଦିବଂଗତ ଲମ୍ବୋଦର ମହାପାତ୍ରଙ୍କ ସ୍ମୃତିକୁ ସାଇତି ରଖିବାକୁ ଶ୍ରୀମା ଯୋଗ ସାଧନା କେନ୍ଦ୍ରର ସହଯୋଗରେ ସ୍ମୃତି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ଶ୍ରୀମା ଶ୍ରୀଅରବିନ୍ଦ ପଥ ଅନୁସରଣ କରି ଜୀବନ ସଫଳ ମାର୍ଗରେ ନିଜକୁ ପ୍ରତିଷ୍ଠିତ କରିଥିବା ସ୍ୱର୍ଗତ ଲମ୍ବୋଦର ମହାପାତ୍ର ଜଣେ ନ୍ୟାୟବନ୍ତ, ଧର୍ମପରାୟଣ, ପରୋପକାରୀ ମଣିଷ ରୂପେ ଅଞ୍ଚଳରେ ସୁଖ୍ୟାତି ଅର୍ଜନ କରିଥିଲେ। ପିତା ନିତ୍ୟାନନ୍ଦ ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ରୂପେ ଲମ୍ବୋଦର ୨୪.୮.୧୯୫୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ବହୁ ଘାତ ପ୍ରତିଘାତ ଜୀବନ ମଧ୍ୟରେ ମାତ୍ର ୧୮ ବର୍ଷ ବୟସରେ ଉଠାଜଳସେଚନ ବିଭାଗରେ ଚାକିରି କରି ବରିଷ୍ଠ ଇଲେକ୍ଟ୍ରିସିଆନ ରୂପେ ୩୧.୩.୨୦୨୧ରେ ଅବସର ନେଇଥିଲେ। ସେ ଗତ ୩ ମାସ ଧରି ମସ୍ତିଷ୍କ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଏବଂ ଗତ ୧୨ତାରିଖରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କରି ସ୍ମୃତି ସ୍ମାରକୀ ରୂପେ ଏକାଦଶାହ କର୍ମରେ ଆଖପାଖ ଅଞ୍ଚଳରେ ୫୩ଟି ବୃକ୍ଷରୋପଣ କରି ସମାଜକୁ ଏକ ମହାନ ବାର୍ତ୍ତା ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ ଦେଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।




# ଜିବି ନଗର ବ୍ଲକ୍‌ରେ ସାମାଜିକ ସମୀକ୍ଷା

କୁଆମରା,୨୪।୯ (ସମିସ): ଗୋପବନ୍ଧୁ ନଗର ବ୍ଲକର ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନର ଏକ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୪ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ମନରେଗା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଶିବିରେ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଜିଲ୍ଲା ସାମାଜିକ ଅଡିଟର ପ୍ରଦୀପ କୁମାର ଚକ୍ରବର୍ତ୍ତୀ, ବ୍ଲକ ଉପାଧ୍ୟାୟ ରଶ୍ମିତା ଚୌଧୁରୀ, ବିଡ଼ିଓ ପୃଥିରାଜ ପରିଡା, ଏପିଓ ସୁନନ୍ଦା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ମୁତାବକ ମୋଟ ୫୭୮ ପ୍ରକଳ୍ପ ମଧ୍ୟରୁ ୩୦୪ଟି ସମ୍ପୂର୍ଣ୍ଣ ହୋଇଛି। ଏଥି ନିମନ୍ତେ ୬ କୋଟି ୭୯ ହଜାର ଟଙ୍କା ବ୍ୟୟ ହୋଇଛି। ତେବେ ୧୩,୦୩୦ ପରିବାରରେ ୮୨୬୫ ଲୋକଙ୍କୁ କାମ ଯୋଗାଇ ଦିଆଯାଇଛି। ଏଥିରେ ମୋଟ ୨୪,୩୫୮୦ ଶ୍ରମ ଦିବସ ସୃଷ୍ଟି ହୋଇଛି। ମୋଟ ୯୫ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଉକ୍ତ ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# ବେଆଇନ ଗୋ-ଚାଲାଣ ବେଳେ ଚଢଉ; ୪ ଗିରଫ

ରାସଗୋବିନ୍ଦପୁର,୨୪।୯ (ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ଗୋଚାଲାଣ ହେଉଥିବା ଖବର ପାଇ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବସ୍ତା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ସେକ୍ ଆରିଫ(୨୨), ଶାବିରୁଦ୍ଦିନ (୩୦), ବାଲେଶ୍ୱର ଥାନା ଅନ୍ତର୍ଗତ ମଛୁଆସାହି ଗ୍ରାମର ସେକ୍ ଜବେଜ୍ ଖାଁନ୍ (୩୦), ଖନ୍ତାପଡା ଥାନା ଅନ୍ତର୍ଗତ ରାମନଗର ଗ୍ରାମର ଗୌଶାନ ଖାନ୍ (୩୩) ଏକ ଗୋରୁ ବୋଝେଇ ଗାଡିକୁ ବସ୍ତା ଅଞ୍ଚଳକୁ ନେଇ ଯାଉଥିଲେ। ଖବର ପାଇ ଫାଣ୍ଡି ଜମାଦାର ସୁଶିଲ ସାମଲ ସେମାନଙ୍କର ଗାଡ଼ିକୁ ପିଛା କରିବାରୁ ଦ୍ରୁତଗତିରେ ବୋଲେରଟି ଖସି ପଳାଇଥିଲା। ସେହି ସମୟରେ ରାସଗୋବିନ୍ଦପୁର ଥାନା ଏଏସଆଇ ମଞ୍ଜୁଲତା ବେହେରା ସଦଳବଳ ୱାରେଣ୍ଟି ନେଇ ଖସି ପଳାଇଥିବା ଗୋଚାଲାଣ ବୋଲେରୋ ଯାଇଥିବା ରାସ୍ତାର ବିପରୀତ ଦିଗରୁ ଆସୁଥିଲେ। ଫାଣ୍ଡି ଅଧିକାରୀଙ୍କ ଠାରୁ ଖବର ପାଇ ତୁରନ୍ତ ଉକ୍ତ ବୋଲେରୋ ଓ ଏସକର୍ଟ ଦେଇ ନେଇଯାଉଥିବା ବୁଲେଟକୁ ପିଛା କରିଥିଲେ। ହେଲେ ବୋଲେରୋଟି ପୁଲିସକୁ ଚକମା ଦେଇ ଖସି ପଳାଇଥିଲା। ପରେ ସେକ୍ ଆରିଫ ଓ ସେକ୍ ଜବେଜ୍ ଖାଁନ୍‌ଙ୍କୁ କାବୁ କରିବା ସହ ଘଟଣାସ୍ଥଳରୁ ଆଉ ଦୁଇଜଣ ଗୌଶାନ ଖାନ୍ ଓ ଶାବିରୁଦ୍ଦିନ ଧାରା ପଡ଼ିଥିଲେ। ପୁଲିସ ୪ ଜଣଙ୍କୁ କୋର୍ଟଚାଲାଣ କରିଛି।

# କର୍ଣ୍ଣାଲରେ ଓଡ଼ିଶା ଛଉ ନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧନା




କରଞ୍ଜିଆ,୨୪।୯ (ସମିସ): ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମଠାରେ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ନିଫା'ର ରୌପ୍ୟ ଜୟନ୍ତୀ ସମାରୋହ ଗତ ୨୧ ତାରିଖରେ ଆରମ୍ଭ ହୋଇ ୨୩ରେ ହରିଆଣାର କର୍ଣ୍ଣାଲଠାରେ ଉଦଯାପିତ ହୋଇଯାଇଛି। ଏଥିରେ ୨୫୦୦ ସ୍ୱେଚ୍ଛାସେବୀ ଏବଂ ଦେଶବିଦେଶର ବହୁ ଅତିଥି ଯୋଗଦେଇଥିଲେ। ଆନୁଷ୍ଠାନର ସର୍ବଭାରତୀୟ ଚେୟାରମ୍ୟାନ ପ୍ରୀତପାଲ ସିଂ ପାନୁ, ସର୍ବଭାରତୀୟ ସଭାପତି ଡ଼ଃ ଅଶ୍ୱିନୀ ସେଠୀ, ମରିସସର ସତ୍ୟମ୍ ଶିବ ପା. ଦିଲ୍ଲୀ ଗୁରୁଦ୍ୱାର ପ୍ରବନ୍ଧକ କମିଟିର ଅଧକ୍ଷ ହରମିତ ସିଂ କାଲକା ଏବଂ ଜାପାନର ପ୍ରତିନିଧି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଆସାମ, ମହାରାଷ୍ଟ୍ର ଏବଂ ଓଡ଼ିଶାର ନୃତ୍ୟଶ୍ରୀ ଅନୁଷ୍ଠାନର କଳାକାର ନୃତ୍ୟ ପରିବେଶଣ କରି ଦର୍ଶକଙ୍କ ମନମୋହିଥିଲେ। ୨୨ ତାରିଖ ସକାଳୁ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀ ନିଜର ପାରମ୍ପରିକ ପୋଷାକ ପରିଧାନ କରି ହାତରେ ତ୍ରିରଙ୍ଗା ଧରି ରାଷ୍ଟ୍ରୀୟ ଏକତା ରାଲିରେ ଯାଇ କର୍ଣ୍ଣାଲର ପ୍ରସିଦ୍ଧ ଗୋଲ୍ଡେନ ମୋମେଣ୍ଟ ହଲରେ ପହଞ୍ଚିଥିଲେ। ପରେ ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲାର ମନୋନୀତ ସ୍ୱେଚ୍ଛାସେବୀନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଧ୍ୟାରେ ପ୍ରଥମେ ଗୋଆ, ନାଗାଲାଣ୍ଡ, ଓଡ଼ିଶାର ନୃତ୍ୟଶ୍ରୀ ଅନୁଷ୍ଠାନ ଏବଂ ଶେଷରେ ମହାରାଷ୍ଟ୍ରର ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରରିଥିଲେ। ନୃତ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଛଉନୃତ୍ୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସମସ୍ତ ନୃତ୍ୟଶିଳ୍ପୀ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ସମୀର ଓତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ଦଳରେ ମୋହନ ସଏ, ମିଲନ ହୋ, ନନ୍ଦିନୀ ତାହାର, ବର୍ଷାରାଣୀ ଗଇପେଇ, ଦୀପିକା କଣ୍ଟେଇ, ଝରଣା ପାତ୍ର, ଇଛାବତୀ ନାଏକ ଏବଂ ଗଣେଶ୍ୱରୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ଏଡିଆର୍‌ଏମ୍ ଓ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ଟାଟା-ବାଦାମପାହାଡ଼ ରେଳପଥ ନିରୀକ୍ଷଣ



ବହଳଦା, ୨୪।୯ (ସମିସ): ଦକ୍ଷିଣପୂର୍ବ ରେଳବାଇର ମୁଖ୍ୟ ସୁରକ୍ଷା ଅଧିକାରୀ (ଗାର୍ଡେନରିଚ୍ କୋଲକାତା) ଓ ଚକ୍ରଧରପୁର ଡିଭିଜନର ଅତିରିକ୍ତ ଡିଭିଜନାଲ ରେଳ ପ୍ରବନ୍ଧକ ଟାଟା-ବାଦାମପାହାଡ ରେଳପଥ ନିରୀକ୍ଷଣ କରିଛନ୍ତି। ପରେ ପୂର୍ବତନ ବହଳଦା ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ଗସ୍ତସୂଚୀ ଅନୁସାରେ ଦକ୍ଷିଣପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର ଅତିରିକ୍ତ ଡିଭିଜନାଲ ପ୍ରବନ୍ଧକ ଅମିତ କୁମାରଙ୍କ ସହିତ ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ କମଲ କିଶୋର ସିହ୍ନା ଓ ବରିଷ୍ଠ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ସିଂହ ପହଞ୍ଚି ଟାଟା-ବାଦାମପାହାଡ ରେଳପଥ ସେକ୍ସନର ଆନ୍ତଃ ରେଳବାଇ ଦ୍ୱିମାସିକ ସୁରକ୍ଷା ଅଡିଟ ଓ ନିରୀକ୍ଷଣ କରିଥିଲେ। ନିରୀକ୍ଷଣ ସମୟରେ ରେଳ ଲାଇନ୍‌ର ବିଭିନ୍ନ ପଏଣ୍ଟ ଓ ସେତୁଗୁଡିକର ସୁରକ୍ଷା ଯାଞ୍ଚ କରିଥିଲେ। ଏଥିସହିତ ବହଳଦାରୋଡ ଷ୍ଟେସନର ଖାତାପତ୍ର ଯାଞ୍ଚ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ତାଙ୍କ ସହିତ କଂଗ୍ରେସ ନେତା ପ୍ରଭା ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ରେଳକର୍ମଚାରୀ ଭଗବାନ ମାହାଲି, ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ, ବସନ୍ତ ସାଣ୍ଡିଲ ଉପସ୍ଥିତ ଥିଲେ।

